**ଅମ୍ବୁଡ୍ସମ୍ୟାନ୍ ଆସେସମେଣ୍ଟ ରିପୋର୍ଟ**
**ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ କର୍ପୋରେସନ୍ ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକଚର୍ ଫଣ୍ଡରେ ପୁଞ୍ଜି ନିବେଶ କରିବା ସମ୍ପର୍କରେ ଅଭିଯୋଗ -**
**ଆଇଏଫ୍ସି ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକଚର୍ ଫଣ୍ଡ (#୨୬୨୩୭)**

**ଭାରତ**

ଫେବୃୟାରୀ ୨୦୧୩

କମ୍ପ୍ଲିଆନ୍ସ ଆଡଭାଇଜର୍ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟ
ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ କର୍ପୋରେସନ୍ (ଆଇଏଫ୍ସି)/
ମଲ୍ଟିଲାଟେରାଲ ଇନଭେଷ୍ଟମେଣ୍ଟ୍ ଗ୍ୟାରେଣ୍ଟି ଏଜେନ୍ସି
www.cao-ombudsman.org

**କମ୍ପ୍ଲିଆନ୍ସ ଆଡଭାଇଜର୍ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟ (ସିଏଓ) ସମ୍ପର୍କରେ**

କମ୍ପ୍ଲିଆନ୍ସ ଆଡଭାଇଜର୍ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟ (ସିଏଓ) ହେଉଛି ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ କର୍ପୋରେସନ୍ (ଆଇଏଫ୍‌ସି) ଏବଂ ମଲ୍ଟିଲାଟେରାଲ ଇନଭେଷ୍ଟମେଣ୍ଟ୍ ଗ୍ୟାରେଣ୍ଟି ଏଜେନ୍ସି (ଏମଆଇଜିଏ) ଲାଗି ସ୍ୱାଧୀନ ଦାୟୀତ୍ୱବୋଧ କାର୍ଯ୍ୟପ୍ରକ୍ରିୟା, ଯାହା ବିଶ୍ୱବ୍ୟାଙ୍କ ଗୋଷ୍ଠୀ (ଗ୍ରୁପ)ର ବ୍ୟକ୍ତିଗତ ସେକ୍ଟର ଆର୍ମ ଅଟେ। ସିଏଓ ସିଧାସଳଖ ବିଶ୍ୱବ୍ୟାଙ୍କ ଗୋଷ୍ଠୀ/ଗ୍ରୁପର ସଭାପତିଙ୍କ ପ୍ରତି ଉତ୍ତରଦାୟୀତ୍ୱବଦ୍ଧ। ଏହା ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ କର୍ପୋରେସନ୍ (ଆଇଏଫ୍‌ସି) ଏବଂ ମଲ୍ଟିଲାଟେରାଲ ଇନଭେଷ୍ଟମେଣ୍ଟ୍ ଗ୍ୟାରେଣ୍ଟି ଏଜେନ୍ସି (ଏମଆଇଜିଏ) ଦ୍ୱାରା ସହାୟତା ପ୍ରାପ୍ତ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ ଅଭିଯୋଗ ଗୁଡ଼ିକର ସମାଧାନ କରିବାରେ ସହଯୋଗ ସହିତ ଉକ୍ତ ପ୍ରକଳ୍ପ ଗୁଡ଼ିକର ସାମାଜିକ, ଅର୍ଥନୈତିକ ଏବଂ ପାରିବେଶିକ ସଫଳତାକୁ ବୃଦ୍ଧି କରିବା ଲାଗି ସୁନ୍ଦର, ଲକ୍ଷ୍ୟଯୁକ୍ତ ଏବଂ ଗଠନମୁଳକ ଉପଦେଶ ଦେବା ଏହାର କାର୍ଯ୍ୟ ଅଟେ।

ଅଧିକ ସୂଚନା ପାଇଁ www.cao-ombudsman.org ଦେଖନ୍ତୁ

**ବିଷୟବସ୍ତୁର ତାଲିକା**


ସଂକ୍ଷିପ୍ତ ଶବ୍ଦ ଗୁଡ଼ିକର ତାଲିକା

୧. ସମୀକ୍ଷା......................................................................................................୪

୨. ପୃଷ୍ଠଭୂମି......................................................................................................୫

୩. ସିଏଓର ଅନୁସନ୍ଧାନ.......................................................................................୬

୩.୧ ଅନୁସନ୍ଧାନ ପ୍ରକ୍ରିୟା.......................................................................................୬

୩.୨ ସାମୁହିକ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟାର ପ୍ରସ୍ତୁତି.......................................................................୭

୩.୩ ଅନୁସନ୍ଧାନର ସିଦ୍ଧାନ୍ତ.......................................................................................୭

୩.୪ ଅଂଶୀଦାରଙ୍କ ଲକ୍ଷ୍ୟ ଏବଂ ଲାଭ.......................................................................................୮

୪ ପରିସମାପ୍ତି ଏବଂ ପରବର୍ତ୍ତି ପଦକ୍ଷେପ.......................................................................................୮

ପରିଶିଷ୍ଟ ୧ : ସିଏଓର କାର୍ଯ୍ୟପ୍ରକ୍ରିୟା.......................................................................................୯

## ସଂକ୍ଷିପ୍ତ ଶବ୍ଦ ଗୁଡ଼ିକର ତାଲିକା

| | |
|---|---|
| ସିଏଓ | କମ୍ପ୍ଲିଆନ୍ସ ଆଡଭାଇଜର୍ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟ |
| ସିଏସଓ | ନାଗରିକ ସମାଜ ଅନୁଷ୍ଠାନ |
| ଜିକେଇଏଲ | ଜିଏମଆର କମଲଙ୍ଗ ଏନର୍ଜି ଲିମିଟେଡ୍ |
| ଆଇଡିଏଫ୍‌ସି | ଇନ୍‌ଫାଷ୍ଟ୍ରକଚର୍ ଡେଭ୍‌ଲପମେଣ୍ଟ୍ ଆଣ୍ଡ୍ ଫାଇନାନ୍‌ସ କମ୍ପାନୀ ଲିମିଟେଡ୍ |
| ଆଇଏଫ୍‌ସି | ଇଣ୍ଟରନ୍ୟାସନାଲ୍ ଫାଇନାନ୍ସ କର୍ପୋରେସନ୍ |
| ଆଇଆଇଏଫ୍ | ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର୍ ଫଣ୍ଡ୍ |
| ଏମ୍‌ଆଇଜିଏ | ମଲ୍ଟିଲାଟେରାଲ ଇନଭେଷ୍ଟମେଣ୍ଟ୍ ଗ୍ୟାରେଣ୍ଟି ଏଜେନ୍ସି |
| ଏନଜିଓ | ବେସରକାରୀ ଅନୁଷ୍ଠାନ |

## ୧. ସମୀକ୍ଷା

**୨୦୧୧** ମସିହା ଏପ୍ରିଲ ମାସରେ ଓଡ଼ିଶାର ଚାଷ ପରିବେଶ ସୁରକ୍ଷା ପରିଷଦ ନାମକ ଏକ ତୃଣମୂଳ ସ୍ତରୀୟ ଅନୁଷ୍ଠାନରୁ ଚାରିଜଣ ଏବଂ ଦିଲ୍ଲୀ ପରିଷଦ ନାମକ ଦିଲ୍ଲୀଠାରେ କାର୍ଯ୍ୟରତ ଥିବା ଏକ ଜନ ଓକିଲାତି ଓ ଗବେଷକ ଅନୁଷ୍ଠାନରୁ ଦୁଇଜଣଙ୍କୁ ମିଶାଇ ମୋଟ ଛଅଜଣ ସ୍ୱାକ୍ଷରକାରୀ ସିଏଓଙ୍କ ସହିତ ଜିଏମଆର କମଲଙ୍ଗ ଏନର୍ଜି ଲିମିଟେଡ୍ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ପାଇଁ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଜିଏମଆର କମଲଙ୍ଗ ଏନର୍ଜି ଲିମିଟେଡ୍ ହେଉଛି ଏକ ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର୍ ଫଣ୍ଡର ଦାୟିତ୍ୱସମ୍ପର୍ଣ୍ଣ ନିବେଶ ଯାହା ପରବର୍ତ୍ତି ସମୟରେ ଆନ୍ତଃର୍ଜାତୀୟ  ବିତ୍ତ ସଂସ୍ଥା ଦ୍ୱାରା ସମର୍ଥିତ ଅଟେ।

ସିଏଓ ନିର୍ଦ୍ଧାରଣ କଲେଯେ, ଉକ୍ତ ଅଭିଯୋଗଟି ଏହାର ତିନିଗୋଟି ମାନଦଣ୍ଡ ଲାଗି ଯୋଗ୍ୟ ବିବେଚିତ ହୋଇଥିଲା ଏବଂ ଅଭିଯୋଗଗୁଡ଼ିକୁ ସଠିକ ଆକଳନ କରିଥିଲା। ଏହାସହିତ ସିଏଓଙ୍କ ଅନୁସନ୍ଧାନରେ ପରିସମାପ୍ତି ଆଣି ପ୍ରଭାବିତ ହେଉଥିବା ସମ୍ପ୍ରଦାୟର ଅଭିଯୋଗକାରୀ ଓ ସେମାନଙ୍କର ପ୍ରତିନିଧି ମାନଙ୍କ ସହିତ ଜିଏମଆର ଏକ ସହଭାଗୀ ବିବାଦ ସମାଧାନ ପ୍ରକ୍ରିୟାରେ ଭାଗନେବା ଲାଗି ରାଜି ହୋଇଥିଲେ। ଏଠାରେ ପ୍ରଦାନ କରାଯାଇଥିବା ଅନୁସନ୍ଧାନ ବିବରଣୀ ଅନୁସନ୍ଧାନ ପ୍ରକ୍ରିୟାର ସାରାଂଶ ସହିତ ପ୍ରକଳ୍ପର ବର୍ଣ୍ଣନା, ଅନୁସନ୍ଧାନ ପଦ୍ଧତି ଏବଂ ପରବର୍ତ୍ତି ପଦକ୍ଷେପକୁ ବର୍ଣ୍ଣନା କରୁଅଛି।

**୨୦୧୨** ମସିହା ନଭେମ୍ବର ମାସରେ ଏକ ଚିଠାକୁ ଅଂଶୀଦାରଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଏହାପରେ ହୋଇଥିବା ଉନ୍ନତିକୁ ଏହି ଅନୁସନ୍ଧାନ ବିବରଣୀରେ ଉଲ୍ଲେଖ କରାଯାଇଅଛି। ଅଂଶୀଦାରଙ୍କ ଠାରୁ ମିଳିଥିବା ତଥ୍ୟକୁ ଅନ୍ତର୍ଭୁକ୍ତ କରାଗଲା ପରେ ଏହି ବିବରଣୀକୁ ଫେବୃୟାରୀ **୨୦୧୩**ରେ ଚୂଡ଼ାନ୍ତ କରାଯାଇଥିଲା। ଏହି ବିବରଣୀ ସିଏଓର ସହଭାଗୀ ଦ୍ୱନ୍ଦ୍ୱ ସମାଧାନ ପରିସମାପ୍ତି ବିବରଣୀ ଅଟେ ଏବଂ ଏହା ମଧ୍ୟରେ ଘଟଣାର ସମ୍ପୂର୍ଣ୍ଣ ଚିତ୍ରକୁ ଉପସ୍ଥାପନ କରାଯାଇଅଛି। ଏହାର ଏକ ସମାନ ନକଲ ମଧ୍ୟ ସିଏଓର ୱେବ୍‌ସାଇଟରେ ଉପଲବ୍ଧ ଅଛି।

## ୨. ପୃଷ୍ଠଭୂମି

<u>ଆଇଏଫ୍‌ସିର ନିବେଶ: ଭାରତ ଭିତ୍ତିଭୂମି ପାଣ୍ଠି (ଆଇଆଇଏଫ୍)</u>

ଆଇଏଫ୍‌ସି ସମର୍ଥିତ ଆଇଆଇଏଫ୍, ଇନ୍‌ଫ୍ରାଷ୍ଟ୍ରକଚର୍ ଡେଭ୍ଲେପମେଣ୍ଟ୍ ଆଣ୍ଡ୍ ଫାଇନାନ୍‌ସ କମ୍ପାନୀ ଲିମିଟେଡ୍(ଆଇଡିଏଫ୍‌ସି)ର ପ୍ରୋଜେକ୍ଟ ଇକ୍ୱିଟି କମ୍ପାନୀ ଦ୍ୱାରା ପରିଚାଳିତ ଅଟେ। ଏହା ଆଇଡିଏଫ୍‌ସି ଦ୍ୱାରା ସମ୍ପୂର୍ଣ୍ଣ ଭାବେ ମାଲିକାନା ନିୟନ୍ତ୍ରଣରେ ରହିଅଛି। ଆଇଆଇଏଫ୍ ମୁମ୍ବାଇ ଠାରେ ଅବସ୍ଥାପିତ ଅଟେ ଏବଂ ଭାରତରେ ଏହା ଶକ୍ତି ଏବଂ ଯୋଗାଣ, ପରିବହନ ଭିତ୍ତିଭୂମି, ଟେଲିକମ୍ୟୁନିକେସନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଲାଗି ସମାନ୍ତରାଳ ନିବେଶ କରିଥାଏ। ଏହାର ପାଣ୍ଠି ପ୍ରାୟ ୯୨୭ ଆମେରିକୀୟ ଡଲାର ଏବଂ ଆଇଏଫ୍‌ସିର ସମାନ୍ତରାଳ ନିବେଶ ପ୍ରାୟ ୫୦ କୋଟି ଡଲାର ଅଟେ। [୧]

<u>ଉପପ୍ରକଳ୍ପ: ଜିଏମ୍‌ଆର କମଲଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍)</u>

ଏହା ଆଇଆଇଏଫ୍‌ର ଏକ ଦାୟିତ୍ୱ ସମ୍ପର୍ଣ୍ଣ ନିବେଶ ହେଉଛି ଜିଏମ୍‌ଆର୍ କମଲଙ୍ଗ ଏନର୍ଜି ଲିମିଟେଡ୍ ଯାହା ଜିଏମ୍‌ଆର ଗ୍ରୁପ୍‌ର ଏକ ଅଂଶ ଅଟେ। କମଲଙ୍ଗ ଏନର୍ଜି ହେଉଛି ଏକ ସ୍ୱତନ୍ତ୍ର ପ୍ରକଳ୍ପ ଯାହା ଜିଏମ୍‌ଆର୍ କମଲଙ୍ଗ ଏନର୍ଜି ଲିମିଟେଡ୍ ଦ୍ୱାରା ଓଡ଼ିଶା ରାଜ୍ୟର ଢେଙ୍କାନାଳ ଜିଲ୍ଲାର କମଲଙ୍ଗ ଗ୍ରାମ ଠାରେ **୧୪୦୦** ମେଗାୱାଟ୍ ବିଶିଷ୍ଟ କୋଇଲା ପାୱାର ପ୍ଲାଣ୍ଟ୍ ସ୍ଥାପନ କରାଯାଇଥିଲା।

ଜିଏମ୍‌ଆର୍ କମଲଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍) ଢେଙ୍କାନାଳ ଜିଲ୍ଲାର ନଅଗୋଟି ଗ୍ରାମକୁ ଘେରି ରହିଥିବା ଏକ ନିର୍ମାଣାଧୀନ କୋଇଲା ପାୱାର ପ୍ଲାଣ୍ଟ୍। ଏହି ପ୍ଲାଣ୍ଟ୍‌କୁ କମଲଙ୍ଗ ନାମକ ଏକ ବଡ଼ ଗ୍ରାମ (ଦୁର୍ଗାପୁର, ବାଘମୁଣ୍ଡା, ମାଣିବେଢ଼ା, ଅଛଲକୋଟ, କାଳିଆତେଲା, ବରସାହି ଓ କମଳଙ୍ଗକୁ ମିଶାଇ ଏହାର ସାତଗୋଟି ପଡ଼ାଗ୍ରାମ), ମଙ୍ଗଳପୁର (ମଙ୍ଗଳପୁର ଓ ମନପୁର ନାମକ ଦୁଇଟି ପଡ଼ାଥିବା ଏକ ଗ୍ରାମ), ସେନାପତି ବାରେଣା ଏବଂ ଭଗତପୁର ଗ୍ରାମ ଘେରିରହିଛି। ଏହି ଗ୍ରାମଗୋଷ୍ଠୀଙ୍କର ଅନେକ ପରିବାର ଭୂମିହୀନ ଭାବେ ଗଣା ଯାଉଛନ୍ତି, କାରଣ ଏମାନେ ସରକାରୀ କର୍ତ୍ତୁପକ୍ଷଙ୍କୁ ଏହି ପ୍ରକଳ୍ପ ଲାଗି ନିଜର ଜମିକୁ ବିକ୍ରି କରିଛନ୍ତି।

### <u>ଅଭିଯୋଗ</u>

ଅଭିଯୋଗକାରୀମାନେ ଧାରାବହିକ ଭାବେ ଅଭିଯୋଗ ଏବଂ ପ୍ରତିବାଦ କରିଆସିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ଗ୍ରାମବାସୀ, ସ୍ଥାନୀୟ ପରିବେଶ ଉପରେ ସମ୍ଭାବିତ ପ୍ରଭାବ, ଜମି ଅଧିଗ୍ରହଣରେ ଅନିମିୟତା, ପ୍ରଭାବିତ ହେବାକୁ ଥିବା ବିଷୟ ଉପରେ ସେମାନଙ୍କୁ ଅଜ୍ଞ ରଖାଯାଇଅଛି। ଏହାଛଡ଼ା ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଜନସାଧାରଣଙ୍କୁ ସମ୍ପୃକ୍ତ ନକରାଇବା, କମଲଙ୍ଗ ଏନର୍ଜି କମ୍ପାନୀ ଦ୍ୱାରା ପରିବେଶ ଏବଂ ସମାଜ ଉପରେ ସମ୍ଭାବିତ ବିପଦର ଅଶଙ୍କା ସହିତ ପ୍ରକଳ୍ପ ବାବଦୀୟ ସୂଚନା ଏବଂ ସ୍ୱଚ୍ଛତାକୁ ଲୁଚାଇ ରଖାଯିବା ଭଳି ଅନ୍ୟାନ୍ୟ କାର୍ଯ୍ୟ କରାଯାଇଅଛି। ବିଶେଷ ଭାବେ ଆଇଏଫ୍‌ସିର ଅର୍ଥନୈତିକ ଭୂମିକାକୁ ଲୁଚାଇ ରଖାଯାଇଛି।

ଏହି ଅଭିଯୋଗ ଗୁଡ଼ିକ ମଧ୍ୟ ଆଇଏଫ୍‌ସିର ଅର୍ଥ ନିବେଶରେ ମଧ୍ୟସ୍ଥି ଭୂମିକାର ସ୍ୱରୂପ, ଏହି ନିବେଶଗୁଡ଼ିକୁ ପରିଚାଳନା କରୁଥିବା ପରିବେଶ ଏବଂ ସାମାଜିକ ନୀତିନିୟମ ଗୁଡ଼ିକ କ'ଣ ଏବଂ ଏହି କ୍ଷେତ୍ରରେ ଆଇଏଫ୍‌ସିର ନିବେଶ ସମ୍ପର୍କରେ ସ୍ୱଚ୍ଛତାର ଅଭାବ ଆଦିକୁ ନେଇ ମଧ୍ୟ କେତେକ ସାଧାରଣ ପ୍ରଶ୍ନ ଉଠାଇଛି। ଏହି ସମସ୍ୟାର ସାରାଂଶ ଗୁଡ଼ିକୁ ଭାଗ-୩ରେ ଏବଂ ଅଭିଯୋଗ ଗୁଡ଼ିକୁ ସିଏଓର ୱେବ୍‌ସାଇଟ୍‌ରେ ଉପସ୍ଥାପିତ କରାଯାଇଅଛି।

[୧] ପ୍ରକଳ୍ପର ସାରାଂଶ ନିମ୍ନ ୱେବଲିଙ୍କ୍ ଠାରେ ପ୍ରଦାନ କରାଯାଇଅଛି
http://www.ifc.org/ifcext/spiwebsite1.nsf/2bc34f011b50ff6e85256a550073ff1c/15378ad7f9e4e3b7852576ba000e2a8d?opendocument

**ସିଏଓର ଅନୁସନ୍ଧାନ**

୩.୧ ଅନୁସନ୍ଧାନର ପ୍ରକ୍ରିୟା

ସିଏଓର ଏହି ଅନୁସନ୍ଧାନ ଅଭିଯୋଗକାରୀଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗ ଏବଂ ସମସ୍ୟାକୁ ସ୍ପଷ୍ଟ କରିବା, ଏହାର ଭାଗୀଦାରମାନେ ସେଠାକାର ପରିସ୍ଥିତିକୁ କିଭଳି ଦେଖୁଛନ୍ତି ସହିତ ଉଭୟ କମ୍ପାନୀ ଏବଂ ଅଭିଯୋଗକାରୀ ବିବାଦ ସମାଧାନ ଲାଗି ଇଚ୍ଛୁକ ଅଛନ୍ତି କି ନାହିଁ, ତାହା ଉପରେ ସୂଚନା ସଂଗ୍ରହ କରିବା ଲାଗି କରାଯାଇଥିଲା। ସିଏଓ ଏହାର ଅନୁସନ୍ଧାନ ପ୍ରକ୍ରିୟା ମଧ୍ୟରେ ଅଭିଯୋଗକାରୀଙ୍କୁ ଲାଭଦେବା ଦୃଷ୍ଟିରେ ରଖି ବିଚାର କରିବା ଲାଗି ସୂଚନା ସଂଗ୍ରହ କିମ୍ବା ଏକତ୍ର କରୁନାହିଁ। ପରିଶିଷ୍ଟ-୧ ସିଏଓର ଅଭିଯୋଗକାରୀଙ୍କ ପ୍ରତି ଏହାର ଉତ୍ତର ଏବଂ ପ୍ରକ୍ରିୟାର କ୍ରମକୁ ଉପସ୍ଥାପନ କରିଛି।

ସିଏଓର ଅଭିଯୋଗ ଅନୁସନ୍ଧାନ ନିମ୍ନୋକ୍ତ ବିଷୟକୁ ନେଇ ଗଠିତ ଅଟେ।

- ନଥିକରଣର ସମୀକ୍ଷା
- ପ୍ରଶ୍ନୋତ୍ତର, ବୈଠକ ଏବଂ ଦଳଗତ ଆଲୋଚନା
- ଭାଗିଦାରଙ୍କୁ ଭେଟିବା ପାଇଁ ସିଏଓ ଦଳର ଭାରତକୁ ଏକାଧିକ ବାର ପରିଦର୍ଶନ

ସେପ୍ଟେମ୍ବର ୨୦୧୧ରୁ ମାର୍ଚ୍ଚ ୨୦୧୨ ମଧ୍ୟରେ ଅଂଶୀଦାରମାନଙ୍କ ସହିତ ସାକ୍ଷାତ ପାଇଁ ସିଏଓ ଚାରିଥର ପରିଦର୍ଶନ ଏବଂ ବିଭିନ୍ନ ଭାଗିଦାରଙ୍କ ସହିତ କ୍ରମାନ୍ୱୟ ଭାବେ ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ ଜାରୀ ରଖିଥିଲା। ଏହି ସମୟ ମଧ୍ୟରେ ସିଏଓର ଦଳ ଅଭିଯୋଗକାରୀ, ପୃଷ୍ଠପୋଷକ, ଆଇଏଫ୍‌ସି ପ୍ରକଳ୍ପ ଦଳ, ରାଜ୍ୟ ସରକାରଙ୍କର ଜମି ଓ ରାଜସ୍ୱ ବିଭାଗର ଭାରପ୍ରାପ୍ତ ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ନାଗରିକ ସମାଜ ଅନୁଷ୍ଠାନ (ସିଏସ୍‌ଓ) ଓ ବେସରକାରୀ ଅନୁଷ୍ଠାନ (ଏନଜିଓ)ରୁ ଅତିରିକ୍ତ ଭାଗିଦାରଙ୍କ ସହିତ ସାକ୍ଷାତ କରିଥିଲା।

<u>ସେପ୍ଟେମ୍ବର ୨୦୧୧- ପ୍ରଥମ ଅନୁସନ୍ଧାନ ପରିଦର୍ଶନ:</u> ସିଏଓ ଅନୁସନ୍ଧାନୀ ଦଳ ଅଭିଯୋଗକାରୀଙ୍କୁ ମିଶାଇ ସମ୍ପୃକ୍ତ ଅଞ୍ଚଳର ଶତାଧିକ ଲୋକଙ୍କୁ ଭେଟିବା ସହିତ କମ୍ପାନୀ ପରିଚାଳକ ଗୋଷ୍ଠୀ(ମ୍ୟାନେଜମେଣ୍ଟ୍ ଗ୍ରୁପ୍)ଙ୍କ ସହିତ ଜଣେ ସରକାରୀ ଅଧିକାରୀଙ୍କୁ ଭେଟିଥିଲା ଏବଂ ସମସ୍ୟା ବାବଦରେ ଏହାର ଅଂଶୀଦାରଙ୍କ ମତାମତ ଜାଣିବାର ଲକ୍ଷ୍ୟ ସହିତ ଅଂଶୀଦାରମାନଙ୍କୁ ସିଏଓର କାର୍ଯ୍ୟପ୍ରକ୍ରିୟା ବାବଦରେ ଜଣାଇ ଦିଆଯାଇଥିଲା।

<u>ଅଧିକ ଅନୁସନ୍ଧାନ ଲାଗି ପରିଦର୍ଶନ:</u> ଅଧିକ ଅନୁସନ୍ଧାନ ଲାଗି ୨୦୧୧ ମସିହା ନଭେମ୍ବର ଏବଂ ଡିସେମ୍ବର ମାସରେ ସିଏଓ ଅନୁସନ୍ଧାନୀ ଦଳ ସ୍ଥାନୀୟ ଗ୍ରାମ ଗୁଡ଼ିକୁ ପରିଦର୍ଶନରେ ଯାଇଥିଲେ ଏବଂ ଅଭିଯୋଗକାରୀଙ୍କୁ ଭେଟିବା ସହିତ ପ୍ରକଳ୍ପାଞ୍ଚଳର ସ୍ଥାନୀୟ ଏବଂ ବାଙ୍ଗାଲୋର ଠାରେ ଥିବା କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କୁ ଭେଟିଥିଲେ। ସେଠାରେ କମ୍ପାନୀର ବୋର୍ଡ଼ ସିଏଓର ଏହି କ୍ଷେତ୍ରରେ ସମ୍ପୃକ୍ତି ଉପରେ ନିଜର ବିଶ୍ୱାସ ଦର୍ଶାଇବା ସହିତ ଡିସେମ୍ବର ମାସରେ ଏକ ବିବାଦ ସମାଧାନ ସଭା ଲାଗି ରାଜି ହୋଇଥିଲେ।

<u>ମାର୍ଚ୍ଚ ୨୦୧୨- ବୈଠକ:</u> ସ୍ଥାନୀୟ ପଞ୍ଚାୟତ ନିର୍ବାଚନ ଯାହା ଜାନୁୟାରୀ/ଫେବୃୟାରୀ ୨୦୧୨ରେ ହୋଇଥିଲା, ତାହାକୁ ଦୃଷ୍ଟିରେ ରଖି ଏହି ପ୍ରକ୍ରିୟା ମାର୍ଚ୍ଚ ୨୦୧୨କୁ ଘୁଞ୍ଚାଇ ଦିଆଯାଇଥିଲା। ଏଥିଲାଗି ଅଭିଯୋଗକାରୀ ମାନେ ଦିଲ୍ଲୀରେ ହୋଇଥିବା ବୈଠକ ସମୟରେ ନିର୍ବାଚନ ସରିବାର ନିକଟ ଭବିଷ୍ୟତରେ ଗ୍ରାମକୁ ଯାଇ ବୈଠକ କରିବା କିମ୍ବା ବାଙ୍ଗାଲୋରରେ ଅବସ୍ଥିତ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଠାରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନଭେଟିବା ପାଇଁ ସିଏଓ ଦଳକୁ ଅନୁରୋଧ କରିଥିଲେ। ଏଠାରେ ଉଭୟ ପକ୍ଷ ସିଏଓର ପରିଚାଳନାଗତ ସହାୟତା ଦ୍ୱାରା ଅଭିଯୋଗଗୁଡ଼ିକର ସମାଧାନ କରିବା ସହିତ ସିଏଓର ଅନୁସନ୍ଧାନ ପ୍ରକ୍ରିୟାର ସମାପ୍ତି ପାଇଁ ଏବଂ ଦ୍ୱନ୍ଦ ସମାଧାନ ପ୍ରକ୍ରିୟାର ପ୍ରସ୍ତୁତି କରିବା ଲାଗି ମୌଖିକ ପ୍ରତିଶୃତି ଦେଇଥିଲେ।

୩.୨ ସହଯୋଗୀ ଦ୍ୱନ୍ଦ ସମାଧାନ ପ୍ରକ୍ରିୟା ଲାଗି ପ୍ରସ୍ତୁତି

<u>ମଇ ୨୦୧୨-ଦକ୍ଷତା ବୃଦ୍ଧି କର୍ମଶାଳା:</u> ସିଏଓ ଦ୍ୱାରା ମଇ(ମେ) ମାସରେ ଦୁଇଟି ଦକ୍ଷତା ବୃଦ୍ଧି କର୍ମଶାଳାର ଆୟୋଜନ କରାଯାଇଥିଲା। କମ୍ପାନୀ ପ୍ରତିନିଧିଙ୍କୁ ଗୋଟିଏ ପକ୍ଷରେ ରଖାଯାଇଥିଲା ବେଳେ ଅଭିଯୋଗକାରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରତିନିଧିମାନଙ୍କୁ ଅନ୍ୟ ପକ୍ଷରେ ରଖାଯାଇ ଦ୍ୱନ୍ଦ୍ୱ ସମାଧାନ କରିବା ଲାଗି ତାଲିମ ପ୍ରଦାନ କରାଯାଇଥିଲା। ଏହିଠାରେ ଅଂଶୀଦାରମାନେ ଏକ ସହଭାଗୀ ଦ୍ୱନ୍ଦ ସମାଧାନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ନିଜର ସମ୍ମତିକୁ ଲିଖିତ ଭାବେ ପ୍ରଦାନ କରିଥିଲେ।

<u>ଜୁଲାଇ ୨୦୧୨-ପ୍ରକ୍ରିୟାର ରୂପରେଖ ନିର୍ଣ୍ଣୟ ଲାଗି ବୈଠକ:</u> ଜୁଲାଇ ୨୦୧୨ରେ ଅଂଶୀଦାରମାନଙ୍କୁ ନେଇ ପ୍ରକ୍ରିୟାର କାର୍ଯ୍ୟପ୍ରଣାଳୀ ନିର୍ଣ୍ଣୟ ଲାଗି କେତୋଟି ବୈଠକ ଆୟୋଜନ କରାଯାଇଥିଲା ଏବଂ ଆଲୋଚନାର ବିଷୟବସ୍ତୁ ସହିତ ବୈଶିଷ୍ଟ ଓ ଅଂଶୀଦାରଙ୍କ ଭବିଷ୍ୟତ ନିଯୋଗ ଲାଗି କ'ଣ ନିୟମ ରହିବ ତାହା ମଧ୍ୟ ଆଲୋଚନା କରାଯାଇଥିଲା।

**୩.୩ ଅନୁସନ୍ଧାନର ସାରାଂଶ**

ଅଭିଯୋଗର ପ୍ରଯୁଜ୍ୟତା

ସିଏଓ ସହିତ ଆଲୋଚନା କଲାବେଳେ ଆଲୋଚନା ରେ ଭାଗ ନେଇଥିବା ଅନେକ ଗ୍ରାମଗୋଷ୍ଠୀ ମାନେ ପ୍ରକଳ୍ପ ଦ୍ୱାରା ସେମାନଙ୍କର ଜୀବନଜୀବିକାର ଚିରସ୍ଥାୟିତ୍ୱକୁ ଏବଂ ପ୍ରକଳ୍ପ ଦ୍ୱାରା ଆସନ୍ନ ବିପଦ ଆଦି ବିଷୟକୁ ନେଇ ଆଶଙ୍କା ଭିତରେ ଅଛନ୍ତି ବୋଲି ନିଜର ମତପୋଷଣ କରିଥିଲେ। ଅନେକ ଗ୍ରାମଗୋଷ୍ଠୀ ମାନେ ସେମାନଙ୍କୁ କମ୍ପାନୀ ଦ୍ୱାରା ଅଧିକ ସୁବିଧାସୁଯୋଗ ପ୍ରଦାନ କରାଯିବା, ବିଶେଷ କରି ଚାକିରୀରେ ନିଯୁକ୍ତି ଦେବାକଥା କହିଥିଲେ। ଏହାଦ୍ୱାରା ସେମାନେ ନିଜର ଜୀବନଜୀବିକା

ସହିତ ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିପାରିବେ ବୋଲି କହିଥିଲେ। ଅନେକ କମ୍ପାନୀ ଦ୍ୱାରା କରାଯାଇଥିବା ଅନୈତିକ କାର୍ଯ୍ୟକଳାପ ଦ୍ୱାରା ସେମାନେ ଭୋଗିଥିବା ସମସ୍ୟାର ନ୍ୟାୟ ପାଇବାକୁ ଅପେକ୍ଷା କରିଛନ୍ତି ବୋଲି ମଧ ମତପୋଷଣ କରିଥିଲେ।
ଅନୁସନ୍ଧାନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଗ୍ରାମଗୋଷ୍ଠୀ ଓ ଅଭିଯୋଗକାରୀମାନେ ସିଏଓ ସହିତ ଉଠାଇଥିବା ସ୍ୱତନ୍ତ୍ର ଅଭିଯୋଗ ଗୁଡ଼ିକୁ ନିମ୍ନରେ ପ୍ରଦାନ କରାଯାଇଛି।

ପ୍ରକଳ୍ପ ବାବଦରେ ଉଠାଯାଇଥିବା ଅଭିଯୋଗ ଯାହା କମ୍ପାନୀ ଏବଂ ଏହାକୁ ଘେରି ରହିଥିବା ଗ୍ରାମଗୋଷ୍ଠୀଙ୍କ ମଧ୍ୟରେ ବୃହଦ ଆକାରରେ ସମାଧାନ କରାଯିବା କଥା :

- ନିଯୁକ୍ତି
- ବିସ୍ଫୋରଣ ଦ୍ୱାରା ଘରେ ଫାଟ ସୃଷ୍ଟି ହେବା
- ଗ୍ରାମକୁ ସିଧାସଳଖ ସଡ଼କ ସଂଯୋଗ
- ସୂଚନାର ଆଦାନପ୍ରଦାନ
- ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ସୁଯୋଗ
- ଜଳର ଗୁଣ, ପରିମାଣ ଏବଂ ଯୋଗାଣ
- ଲୋକ ନିରାପତ୍ତା/ସଡ଼କ
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଲୋକ (ବିଧବା, ଭିନ୍ନକ୍ଷମ)ଙ୍କୁ ସହାୟତା
- ଜଳ ସଂଯୋଗ ଲାଗି ପାଇପ୍ ଲାଇନ ନିର୍ମାଣର ପ୍ରଭାବ

ଜିକେଇଏଲ୍ ପ୍ରତି ଅଭିଯୋଗ ଯାହା ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଭୂମିକା ନିର୍ବାହକାରୀମାନଙ୍କ ଲାଗି ପ୍ରଯୁଜ୍ୟ ଅଟେ।

- ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବ୍ୟକ୍ତିଗତ ଅସମାହିତ ସମସ୍ୟା
- ଗ୍ରାମ ଗୋଚର ଜମିର ଅଧିଗ୍ରହଣ
- ଅନୁସୂଚିତ ଜନଜାତି ଏବଂ ଦଳିତ ବର୍ଗ ଭଳି ବିପଦପ୍ରବଣ ସମ୍ପ୍ରଦାୟଙ୍କ ଜମି ଅଧିଗ୍ରହଣ ସହିତ ଅନ୍ୟମାନଙ୍କର ଜମି ଅଧିଗ୍ରହଣ ପ୍ରକ୍ରିୟାର ଆଇନସଙ୍ଗତ ଦିଗ
- ଅତିରିକ୍ତ ଜମି ଅଧିଗ୍ରହଣ
- ଜମି କ୍ଷତିପୂରଣର ପ୍ରକାର
- କେନାଲ ନିର୍ମାଣର ମୂଲ୍ୟ-ଯଦି ସରିନାହିଁ-ତାହାକୁ ଜମି ମୂଲ୍ୟାୟନର ଏକ ଅଂଶ ଭାବେ ଧରାଯିବା
- ଓପନ ପୁଲିସ କେସ୍
- ପୁଲିସର ଖରାପ ବ୍ୟବହାର ପଦର୍ଶନ

ସ୍ଥାନୀୟ ଗ୍ରାମଗୋଷ୍ଠୀଙ୍କୁ ବାଦ ଦେଇ ଅନ୍ୟ ବାହ୍ୟ ଲୋକଙ୍କ ଅଭିଯୋଗ

- ପ୍ରଦୂଷଣ
- ବ୍ରାହ୍ମଣୀ ନଦୀ ଉପରେ ପ୍ରଭାବ
- ଆଇଏଫ୍‌ସି ଆର୍ଥିକ ମଧ୍ୟସ୍ଥିଙ୍କୁ ଋଣ ଦେବା
- ସ୍ଥାନୀୟ ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ

କମ୍ପାନୀର ଜବାବ
କମ୍ପାନୀ ଭାରତ ସରକାର ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ଠାରୁ ସମସ୍ତ ପ୍ରକାର ଅନୁମୋଦନ ମିଳିସାରିଲା ପରେ ଉକ୍ତ ପ୍ରକଳ୍ପକୁ ପ୍ରତିଷ୍ଠା କରିଛି ଏବଂ ଏହାର ସମସ୍ତ ପ୍ରକାରର ରକ୍ଷଣାବେକ୍ଷଣ କରୁଅଛି। କମ୍ପାନୀର ପ୍ରତିନିଧିମାନେ ଉଲ୍ଲେଖ କରିଥିଲେଯେ, କମ୍ପାନୀ ଲୋକଙ୍କ ସହିତ ସୁ-ସମ୍ପର୍କ ରଖିଆସିଛନ୍ତି ଏବଂ ସେମାନେ ଏଥିଲାଗି ପ୍ରତିଶ୍ରୁତିବଦ୍ଧ ଯାହା ଜିଏମ୍‌ଆର, ବରଲକ୍ଷ୍ମୀ ଫାଉଣ୍ଡେସନ୍‌ର ବିଭିନ୍ନ ଉଲ୍ଲେଖଯୋଗ୍ୟ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମଗୋଷ୍ଠୀଙ୍କୁ ଜୀବନଜୀବିକା ଭିତ୍ତିକ ରୋଜଗାର ଲାଗି ବ୍ୟବସ୍ଥା କରିଆସିଛନ୍ତି। ତେବେ ଉଠାଯାଇଥିବା ଅଭିଯୋଗ ଗୁଡ଼ିକର ସମାଧାନ କରିବା ଲାଗି କମ୍ପାନୀ ଲୋକମାନଙ୍କର ପ୍ରତିନିଧିଙ୍କ ସହିତ ଆଲୋଚନା କରିବାକୁ ରାଜି ଅଛି ବୋଲି ସିଏଓ ପାଖରେ ପ୍ରତିଶୃତି କରିଅଛି।

୩.୪ ଅଂଶୀଦାରଙ୍କ ଲକ୍ଷ୍ୟ ଏବଂ ଦାବିର ସାରାଂଶ
କମ୍ପାନୀ ପରିଚାଳନା ବୋର୍ଡ୍, ଅଭିଯୋଗକାରୀ ଏବଂ ଗ୍ରାମଗୋଷ୍ଠୀ ସଭ୍ୟଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ସିଏଓ ଶୁଣିଥିଲା ଏବଂ ଅଂଶୀଦାରଙ୍କ ଦ୍ୱାରା ନିମ୍ନଲିଖିତ ମୁଖ୍ୟ ଲକ୍ଷ୍ୟ ଏବଂ ଦାବୀ ପ୍ରଦାନ କରାଯାଇଥିବା କଥା ହୃଦୟଙ୍ଗମ କରିଥିଲା।

- ସମ୍ପର୍କ ଆଧାରରେ ପରସ୍ପର ପ୍ରତି ସମ୍ମାନ, ନ୍ୟାୟ ଏବଂ ମର୍ଯ୍ୟାଦା ପ୍ରଦାନ

- ସମୟାନୁବର୍ତ୍ତିତା, ସ୍ୱଚ୍ଛ ଏବଂ ବିଶ୍ୱାସଯୋଗ୍ୟ ଯୋଗାଯୋଗ ମାଧ୍ୟମ, ଯାହାଦ୍ୱାରା ସୂଚନାକୁ ପରସ୍ପର ମଧ୍ୟରେ ବଣ୍ଟନ କରାଯାଇପାରିବ ଏବଂ ସମସ୍ୟାଗୁଡ଼ିକୁ ଉଠାଯିବା ସହିତ ଏହାର ସମାଧାନ କରାଯାଇପାରିବ ।
- ସମସ୍ତ ଅଂଶୀଦାର ନିୟମ ଅନୁଯାୟୀ କାର୍ଯ୍ୟପାଳନ କରିବେ ।
- ସ୍ଥାନୀୟ ଜନସାଧାରଣଙ୍କର ଜୀବନଜୀବିକାର ଚିରସ୍ଥାୟୀ ସୁରକ୍ଷା

**୧. ସମାପ୍ତି ଏବଂ ପରବର୍ତ୍ତି ପଦକ୍ଷେପ**

ସିଏଓର ଅନୁସନ୍ଧାନ ମଧ୍ୟରେ ଅଭିଯୋଗକାରୀ, ଗ୍ରାମଗୋଷ୍ଠୀଙ୍କର ପ୍ରତିନିଧି ଏବଂ କମ୍ପାନୀ, ସିଏଓ ଦ୍ୱାରା ଆବାହନ କରାଯାଇଥିବା ଦ୍ୱନ୍ଦ ସମାଧାନ ପ୍ରକ୍ରିୟାରେ ନିଜକୁ ସାମିଲ କରିବା ଲାଗି ପ୍ରତିଶୃତି ଦେଇଥିଲେ । ଏହାଛଡ଼ା ନିବେଶକାରୀ ସଂସ୍ଥା ଆଇଆଇଏଫ୍ ମଧ୍ୟ ଏଥିରେ ଏକ ସହାୟକ ଭୂମିକା ନିର୍ବାହ କରିବା ପାଇଁ ରାଜି ହୋଇଥିଲା ।

ଉକ୍ତ କର୍ତ୍ତୃପକ୍ଷ ଦଳ ନିଜକୁ ଅଂଶୀଦାରମାନଙ୍କ ସହିତ ମିଶି ଆଲୋଚନା ପାଇଁ ଏକ ବାସ୍ତବିକ ଗ୍ରହଣଯୋଗ୍ୟ ନିଷ୍ପତ୍ତିର ମାତ୍ରାର ପ୍ରସ୍ତୁତି ଲାଗି କଥାବାର୍ତ୍ତା ଜାରୀ ରଖିଥିଲେ । ଏହା ସହିତ ଏକ ସହଯୋଗୀମୂଳକ ପ୍ରଭାବୀ ଆଲୋଚନା ପ୍ରକ୍ରିୟା ଚାଲୁରଖିବା ଲାଗି ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ତାଲିମ ପ୍ରଦାନ ଲାଗି ମଧ୍ୟ ପ୍ରଚେଷ୍ଟା ଜାରୀ ରଖାଯାଇଥିଲା ।

**ପରିଶିଷ୍ଟ ୧ : ସିଏଓଙ୍କର କାର୍ଯ୍ୟପ୍ରକ୍ରିୟା**

ସିଏଓଙ୍କର ପରିଚାଳନା ମାନଦଣ୍ଡ ଅନୁଯାୟୀ, [7] ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକୁ ଉତ୍ତର ଦେବାଲାଗି ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥାଏ।

ପଦକ୍ଷେପ ୧ : ଅଭିଯୋଗ ଗ୍ରହଣ ପ୍ରାପ୍ତି ରସିଦ

ପଦକ୍ଷେପ ୨ : ଯୋଗ୍ୟତା : ଅଭିଯୋଗକାରୀଙ୍କର ଅଭିଯୋଗର ଅନୁସନ୍ଧାନ ଲାଗି ସିଏଓଙ୍କର ବୈଧାନିକ ନିୟମ ଅନୁଯାୟୀ ଯୋଗ୍ୟତା (୧୫ ଦିନରୁ ଅଧିକ କାର୍ଯ୍ୟଦିବସ ନୁହେଁ)

ପଦକ୍ଷେପ ୩: ଅମ୍ବୁଡ୍ସମ୍ୟାନ୍ ଆସେସମେଣ୍ଟ ରିପୋର୍ଟ: ପରିସ୍ଥିତି ଏବଂ ଅଂଶୀଦାରଙ୍କୁ ନେଇ ସିଏଓ ଅମ୍ବୁଡ୍ସମ୍ୟାନ୍ ଆସେସମେଣ୍ଟ ରିପୋର୍ଟ ଦ୍ୱାରା ଅନୁସୃତ ପ୍ରକ୍ରିୟାରେ ପାରସ୍ପରିକ ସମାଧାନକୁ ନେଇ ଥିବା ସମ୍ଭାବନା କିମ୍ବା ଏହି ଘଟଣାକୁ ଆଇଏଫ୍‌ସି/ଏମ୍‌ଆଇଜିଏର ସାମାଜିକ ଓ ପାରିବେଶିକ କାର୍ଯ୍ୟ ସମ୍ପାଦନକୁ ସିଏଓଙ୍କର ଅଭିଯୋଗ ଶୁଣାଣି ଲାଗି ଅର୍ପଣ କରାଯିବ, ତାହାର ସମୀକ୍ଷା କରିବା। ଏହି ଅନୁସନ୍ଧାନ ସର୍ବାଧିକ ୧୨୦ ଦିନ ସମୟ ନେଇପାରେ।

ପଦକ୍ଷେପ ୪ : ବନ୍ଦୋବସ୍ତର କ୍ରିୟାଶୀଳନ: ଯଦି ଅଂଶୀଦାରମାନେ ସିଏଓ ଅମ୍ବୁଡ୍ସମ୍ୟାନ୍ ପ୍ରକ୍ରିୟାରେ ନିୟୋଜିତ ହେବାକୁ ଚାହୁଁଛନ୍ତି, ତେବେ ଏହି ଭାଗଟି ମଧ୍ୟସ୍ଥି, ଯୁଗ୍ମ ତଦନ୍ତ, କିମ୍ବା ସମାଧାନ ପ୍ରକ୍ରିୟା ଲାଗି ରାଜିନାମା ଜରିଆରେ ଏକ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା (ସ୍ୱତନ୍ତ୍ର ଭାବେ ଆରମ୍ଭ କରାଯାଇଥିବା କିମ୍ବା ଆଧାରିତ ଥିବା ବୁଝାମଣା ପତ୍ର ଏବଂ/କିମ୍ବା ଉଭୟ ଅଂଶୀଦାରଙ୍କ ଦ୍ୱାରା ନିୟମକୁ ଆଧାର କରି ପାରସ୍ପରିକ ବୁଝାମଣା)କୁ ସମ୍ପୃକ୍ତ କରୁଅଛି। ଏହା ରାଜିନାମାର ବନ୍ଦୋବସ୍ତ କିମ୍ବା ଅନ୍ୟାନ୍ୟ ଉଭୟ ପକ୍ଷର ବୁଝାମଣା ଏବଂ ଉପଯୁକ୍ତ ଲକ୍ଷ୍ୟକୁ ଆଧାର କରୁଥିବା ଆବଶ୍ୟକ। ଅଭିଯୋଗରେ ଉଠାଯାଇଥିବା ସମସ୍ୟା ଗୁଡ଼ିକ ଏବଂ ଅଭିଯୋଗରେ ଉଠାଯାଇଥିବା ଉଲ୍ଲେଖଯୋଗ୍ୟ ସମସ୍ୟା, ଯାହା ଅନୁସନ୍ଧାନ ସମୟରେ ଚିହ୍ନଟ କରାଯାଇଅଛି; ତାହାର ସମାଧାନ ଲାଗି ପଦକ୍ଷେପ ନେବା ଏହାର ମୁଳ ଆଭିମୁଖ୍ୟ ଅଟେ। ତେବେ ଏହି ପ୍ରକ୍ରିୟା ପ୍ରଭାବିତ ହେଉଥିବା ଅଂଶୀଦାରଙ୍କ ଲାଗି ଗ୍ରହଣୀୟ ହେଉଥିବା ଦରକାର।

କିମ୍ବା

ଅଭିଯୋଗର ସମୀକ୍ଷା/ପରୀକ୍ଷଣ: ଯଦି ଅଭିଯୋଗଟିକୁ ସିଏଓଙ୍କ ପାଖକୁ ଏକ ସମ୍ପୂର୍ଣ୍ଣ ସମୀକ୍ଷା ପାଇଁ ପ୍ରେରଣ କରାଯାଏ, ତେବେ ସିଏଓ, ଆଇଏଫ୍‌ସି/ଏମଆଇଜିଏ ପ୍ରକଳ୍ପର ସାମାଜିକ ଏବଂ ଅର୍ଥନୈତିକ ଦିଗ ପ୍ରତି ଏହାର ଦାୟୀତ୍ୱବୋଧ ଅଛି କି ନାହିଁ ବୋଲି ଏହାର ଏକ ସମୀକ୍ଷା କରିବ। ଏହି କାର୍ଯ୍ୟପ୍ରକ୍ରିୟା ଲାଗି ସର୍ବାଧିକ ୪୫ଟି କର୍ମ ଦିବସ ଆବଶ୍ୟକ ହୋଇପାରେ।

ପଦକ୍ଷେପ ୫ : ତଦାରଖ ଏବଂ ପରବର୍ତ୍ତୀ ପଦକ୍ଷେପ

ପଦକ୍ଷେପ ୬ : ସମାପ୍ତି/ମାମଲାର ପରିସମାପ୍ତି

---

[7] ସିଏଓଙ୍କର ଭୁମିକା ଏବଂ କାର୍ଯ୍ୟପ୍ରକ୍ରିୟା ବାବଦରେ ଜାଣିବା ପାଇଁ ସମ୍ପୂର୍ଣ୍ଣ ମାର୍ଗଦର୍ଶିକାକୁ ପଢନ୍ତୁ: http://www.cao-ombudsman.org/about/whoweare/index.html